# ବାଲ୍ୟ ବୀର ସେ

## କବି-ଅନନ୍ତ ପଟ୍ଟନାୟକ
## ଶ୍ରେଣୀ-ସପ୍ତମ
## ତୃତୀୟ ଦିନ



Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

**SUB-CONCEPTS:**ଶତ୍ରୁଙ୍କୁ ଉଚିତ ଜବାବ ଦେବା ବୀରଙ୍କ ବାହାଦୁରୀ ।

## ପୂର୍ବ ପାଠର ଆଲୋଚନା-

୧.କେଉଁମାନେ ନାଉରୀ ଟୋକାକୁ ଡାକିଲେ ?
୨.ବାଳୁତ ବୀର କିଏ ?
୩.କାକଳିର ଅର୍ଥ କ,ଣ ?
୪.କେଉଁମାନଙ୍କ ଆଖିକୁ ଅସୁର ଆଖି ବୋଲି କୁହାଯାଏ ?

ODM EDUCATIONAL GROUP
Changing your Tomorrow





# କବିତାଂଶ ଆଲୋଚନା:

ନିଦ ମଳ ମଳ ଆଖି ଦୋଟି ମଳି ମଳି
କର ଲେଉଟାଇ କୂଳକୁ ଅନାଉ ଢଳି
ହସିଲା ଟୋକା ସେ,ଓଠକୁ ଓଠରେ
ଚାପି,
ମନକୁ ମନ ତା କି କଥା ଅତଳ ମାପି ।

ଦୂରରୁ ଦୂରକୁ ନେଲା ମଝି ବିଲେ ବାହି
!
ଡାକିଲେ ଶତ୍ରୁ କଟାଣିଆ ଡୋଳେ
ଚାହିଁ-
-'ପିଲା ବକଟେ ତୁ ଆମକୁ, ଦେଖ, ନ
ରଗା !'

# କବିତାଂଶ ଆଲୋଚନା:

ନାହା ଚାଲିଯାଏ ବିଲ ପାଣି ପାଟେ
ତଳକୁ ତଳକୁ ଖସି !
କହିଲା ଟୋକା ସେ ବୀର ଦର୍ପରେ
ହସି-
'ନେବି ନାହିଁ ନାହା ଭାଇର ଆଦେଶ
ନାହିଁ !
ମଣିଷ-ମରାଳି ଆମରି ରକ୍ତ-ପାୟୀ
ସିପାହୀ-କୁଳକୁ ପାରି କରିଦେବା ପାଇଁ
!
ନା', ନେବି ନାହିଁ ନାହା..."

# ସାରାଂଶ:

ନିଦ ମଳମଳ ଆଖିରେ ସେ ନଦୀ ଆରପାରିରେ ଫଉଜଙ୍କୁ ଦେଖି ପାରିଲା ।ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସଚେତନ ହୋଇଉଠିଲା । ପଛରୁ କର୍କଶ ସ୍ୱରରେ ପାରି କରିବା ପାଇଁ ଘନ ଘନ ଆଦେଶ ଆସୁଥିଲେ ମଧ୍ୟ ବାଜି ସେଥିରେ ବିଚଳିତ ହୋଇ ନ ଥିଲା । ସାମାନ୍ୟ ବାଳକଟିଏ ହୋଇ ଆଦେଶକୁ ଅବଜ୍ଞା କରୁଥିବାରୁ ସେମାନେ କ୍ରୋଧିତ୍ତ ହୋଇ ହୋଇ ଉଠିଲେ ।"ଭାଇର ଆଦେଶ ନାହିଁ ଏବଂ ନାଆ ନେବି ନାହିଁ ବୋଲି ବୀରଦର୍ପରେ ଉତ୍ତର ଦେଇଥିଲା ବାଜିରାଉତ । ଆତତାୟୀ,ରକ୍ତ ପିପାସୁ ସିପାହୀଙ୍କୁ ସେ କଦାପି ପାରି କରିଦେବ ନାହିଁ ବୋଲି ସେ ଦୃଢ କଣ୍ଠରେ ଉତ୍ତର ଦେଇଥିଲା ।

# କଠିନ ଶବ୍ଦର ଅର୍ଥ:

- ଦୋଟି-ଦୁଇଟି
- ଲେଉଟାଇ-ଓଲଟାଇ
- ଅସୁର ଆଖି-ବ୍ରିଟିଶ ଫୌଜର ହିଂସ୍ର ଆଖି
- କଟାଶିଆ-ରୁକ୍ଷ,କର୍କଶ
- ବକଟେ-ଟିକିଏ
- ପାଟ-ଏକ ବିସ୍ତୃତ ଖାଲୁଆ ଜମି
- ରକ୍ତ-ପାୟୀ-ରକ୍ତ ପିପାସୁ

ODM EDUCATIONAL GROUP
Changing your Tomorrow

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

ଘାଟ-ଅଘାଟ
ଆଦେଶ-ଅନାଦେଶ
ଶତ୍ରୁ-ମିତ୍ର

## ପ୍ରତିଶବ୍ଦ:

ଶତ୍ରୁ-ଅରି,ବଇରୀ
ପାଣି-ଜୀବନ,ଜଳ
ରକ୍ତ-ଲହୁ,ଲୋତକ

ODM EDUCATIONAL GROUP

Changing your Tomorrow

# ଗୃହକର୍ମ:

## କବିତାଟି ପଢ଼ି ୧୦ଟି ବସ୍ତୁନିଷ୍ଠ ପ୍ରଶ୍ନ ଲେଖ ।

# THANKING YOU

# ODM EDUCATIONAL GROUP